# NATIONAL NEWS BULLETIN (ODIA)
## 16 November - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କର ନାଇଜେରିଆ, ବ୍ରାଜିଲ୍ ଓ ଗୁଆନାକୁ ଆଜିଠାରୁ ପାଞ୍ଚ ଦିନିଆ ଗସ୍ତ ଆରମ୍ଭ ।
- ଡିଜିଟାଲ ମିଡିଆ ଯୁଗରେ ଭ୍ରମାତ୍ମକ ଖବର ପ୍ରଚାର ଗୁରୁତର ସମସ୍ୟା ସୃଷ୍ଟି କରିପାରେ, କହିଲେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ।
- ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଲାଗି ୟୁକ୍ରେନ୍ ସହିତ କଥାବାର୍ତ୍ତା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ରୁଷ ରାଷ୍ଟ୍ରପତିଙ୍କୁ ଜର୍ମାନ ଚାନ୍ସେଲରଙ୍କ ପରାମର୍ଶ ।
- ଛତିଶଗଡ଼ରେ ସୁରକ୍ଷା କର୍ମୀଙ୍କ ଗୁଳିରେ ୫ ମାଓବାଦୀ ନିହତ ।

ଏବଂ

- ମହିଳା ଏସିଆ ଚାମ୍ପିୟନ୍ସ ଟ୍ରଫି ହକି ପ୍ରତିଯୋଗିତାରେ ଆଜି ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଚୀନ୍‌କୁ ୩-୦ ଗୋଲ୍‌ରେ ପରାସ୍ତ କଲା ଭାରତ ।

# ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଠାରୁ ନାଇଜେରିଆ, ବ୍ରାଜିଲ୍ ଓ ଗୁଆନାକୁ ୫ ଦିନିଆ ଗସ୍ତରେ ଯାଇଛନ୍ତି । ଏହି ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀ କହିଛନ୍ତି, ପଶ୍ଚିମ ଆଫ୍ରିକା ଅଞ୍ଚଳରେ ଭାରତର ଘନିଷ୍ଠ ଭାଗିଦାରୀ ଦେଶ ନାଇଜେରିଆକୁ ଏହା ହେଉଛି ତାଙ୍କର ପ୍ରଥମ ଗସ୍ତ । ଗଣତନ୍ତ୍ର ଏବଂ ବହୁପକ୍ଷିୟବାଦ ଭିତ୍ତିରେ ଦୁଇ ଦେଶ ମଧ୍ୟରେ ଥିବା ରଣନୈତିକ ଭାଗିଦାରୀକୁ  ଅଧିକ ସଶକ୍ତ କରିବା ଦିଗରେ ତାଙ୍କର ଏହି ଗସ୍ତ ଏକ ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି । ଏଥିସହିତ ତାଙ୍କୁ ହିନ୍ଦୀରେ ସ୍ୱାଗତ ବାର୍ତ୍ତାମାନ ପଠାଇଥିବା ସେଠାରେ ବସବାସ କରୁଥିବା ଭାରତୀୟ ସମ୍ପ୍ରଦାୟ ଏବଂ ନାଇଜେରିଆ ବାସୀଙ୍କୁ ଭେଟିବା ଲାଗି ସେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ତାଙ୍କ ବ୍ରାଜିଲ୍ ଗସ୍ତ ଅବସରରେ ଶ୍ରୀ ମୋଦୀ ଟ୍ରୋଇକା ସଦସ୍ୟ ଭାବେ ଊନବିଂଶତମ ଜି-୨୦ ସମ୍ମିଳନୀରେ ଅଂଶଗ୍ରହଣ କରିବା ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି, ଗତବର୍ଷ ଜି-୨୦ ଅଧ୍ୟକ୍ଷ ଭାବେ ଭାରତର ସଫଳ କାର୍ଯ୍ୟକାଳ ପରେ ଏହା  ଏବେ ଲୋକଙ୍କ ଜି-୨୦ ଭାବେ ପରିଣତ ହୋଇପାରିଛି । ଏଥିସହିତ ଗ୍ଲୋବାଲ୍ ସାଉଥ୍‌ର ପ୍ରାଥମିକତାକୁ ମଧ୍ୟ ଜି-୨୦ କାର୍ଯ୍ୟସୂଚୀରେ ସ୍ଥାନ ଦିଆଯାଇପାରିଛି ।

‘ଏକ ବିଶ୍ୱ, ଏକ ପରିବାର ଓ ଏକ ଭବିଷ୍ୟତ’ ଦୃଷ୍ଟିକୋଣ ଆଧାରରେ ବ୍ରାଜିଲ୍ କର୍ତ୍ତୃପକ୍ଷଙ୍କ ସହିତ ତାଙ୍କର ଏକ ଫଳପ୍ରଦ ଆଲୋଚନା ହୋଇପାରିବ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି । ଏତଦ୍‌ବ୍ୟତୀତ ଜି-୨୦ ସଦସ୍ୟ ରାଷ୍ଟ୍ରଗୁଡ଼ିକର ନେତୃବୃନ୍ଦଙ୍କ ସହିତ ମଧ୍ୟ ଦ୍ୱିପକ୍ଷିୟ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ମତବିନିମୟ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଗୁଆନା ଗସ୍ତ ସମ୍ପର୍କରେ ସୂଚନା ଦେଇ ଶ୍ରୀ ମୋଦୀ କହିଛନ୍ତି, ରାଷ୍ଟ୍ରପତି ମହମ୍ମଦ ଇର୍ଫାନ୍ ଅଲ୍ଲୀଙ୍କର ଆମନ୍ତ୍ରଣ କ୍ରମେ ୫୦ ବର୍ଷ ପରେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ସେ ସେଠାକୁ ଯାଉଛନ୍ତି । ଐତିହ୍ୟ, ସଂସ୍କୃତି ଏବଂ ମୂଲ୍ୟବୋଧ ଭିତ୍ତିରେ ଦୁଇ ଦେଶ ମଧ୍ୟରେ ଗଢ଼ି ଉଠିଥିବା ଅନନ୍ୟ ସମ୍ପର୍କକୁ ଏକ ରଣନୈତିକ ଦିଗ ଦେବା ଉପରେ ଉଭୟ ନେତା ଆଲୋଚନା କରିବେ ବୋଲି ଜଣାପଡ଼ିଛି । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଦ୍ୱିତୀୟ ଭାରତ-କ୍ୟାରିକମ୍ ସମ୍ମିଳନୀରେ ଯୋଗଦେବେ । ସଦସ୍ୟ ରାଷ୍ଟ୍ର ଗୁଡ଼ିକ ମଧ୍ୟରେ ଐତିହାସିକ ସମ୍ପର୍କକୁ  ଅଧିକ ସଶକ୍ତ କରିବା ସହିତ ସହଯୋଗକୁ ବୃଦ୍ଧି କରିବା ଦିଗରେ ଏହି ସମ୍ମିଳନୀ ସହାୟକ ହେବ ବୋଲି ଆଶା କରାଯାଉଛି ।

# ଜାତୀୟ ପ୍ରେସ୍ ଦିବସ

ଡିଜିଟାଲ ମିଡିଆ ଯୁଗରେ ଭ୍ରମାତ୍ମକ ଖବର ପ୍ରଚାର ଗୁରୁତର ସମସ୍ୟା ସୃଷ୍ଟି କରିପାରେ ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଆଜି ଜାତୀୟ ପ୍ରେସ୍ ଦିବସ ଅବସରରେ ନୂଆଦିଲ୍ଲୀରେ ଆୟୋଜିତ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି, ଦେଶରେ ଡିଜିଟାଲ୍ ମିଡିଆ ଏକ ନୂତନ ସୁଯୋଗ ସୃଷ୍ଟି କରିଛି ।  ଇଣ୍ଟରନେଟ୍ ଓ ମୋବାଇଲ୍ ମାଧ୍ୟମରେ କୋଟି କୋଟି ଜନତାଙ୍କ ନିକଟରେ ଆବଶ୍ୟକ ତଥ୍ୟ ସଫଳତାର ସହ ପହଞ୍ଚି ପାରୁଛି ବୋଲି ସେ କହିଛନ୍ତି । ତେବେ ଅର୍ଥ ବଦଳରେ ଖବର ପ୍ରସାରଣ ବର୍ତ୍ତମାନ ସମାଜ ପାଇଁ ବିପଦ ସାଜିଛି ବୋଲି ଶ୍ରୀ ବୈଷ୍ଣବ ମତବ୍ୟକ୍ତ କରିଛନ୍ତି । ଏହାଦ୍ୱାରା ଉଭୟ ଗଣମାଧ୍ୟମ ଏବଂ ଜନସାଧାରଣଙ୍କର କ୍ଷତି ହେବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି । ଶ୍ରୀ ବୈଷ୍ଣ କହିଛନ୍ତି, ଦେଶର ସ୍ୱାଧୀନତା ସଂଗ୍ରାମ ଏବଂ ଜରୁରୀକାଳୀନ ପରିସ୍ଥିତି ସମୟରେ ଗଣମାଧ୍ୟମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।  ଦେଶରେ ବର୍ତ୍ତମାନ ୩୫ ହଜାରରୁ ଅଧିକ ପଞ୍ଜିକୃତ ଦୈନିକ ସମ୍ବାଦପତ୍ର ସମେତ ହଜାର ହଜାର ସମ୍ବାଦପ୍ରସାରଣ ସଂସ୍ଥା ବର୍ତ୍ତମାନ କାର୍ଯ୍ୟ କରୁଛି ।

ଏଠାରେ ସୂଚନା ଦିଆଯାଇପାରେ ୧୯୬୬ ମସିହା ଆଜିର ଦିନରେ କେନ୍ଦ୍ର ସରକାର ଭାରତୀୟ ପ୍ରେସ୍ କାଉନ୍‌ସିଲ୍ ଗଠନ କରିଥିଲେ । ଗଣତନ୍ତ୍ରରର ଜାଗ୍ରତ ପ୍ରହରୀ ଭାବେ ପରିଚିତ ସମ୍ବାଦପତ୍ର ଗୁଡ଼ିକର ସ୍ୱାଧୀନତା ବଜାୟ ରଖିବା ସହ ଏହା ଉପରେ ନଜର ରଖିବା, ଆବଶ୍ୟକ ପରାମର୍ଶ ଦେବା, ସମୀକ୍ଷା କରିବା ଓ ବିବାଦୀୟ ସମ୍ବାଦ ପ୍ରସାରଣ ଉପରେ ବିଚାର କରିବା ଉଦ୍ଦେଶ୍ୟରେ ଏହି ପ୍ରେସ୍ କାଉନ୍‌ସିଲ୍ ଗଠନ କରାଯାଇଛି । ଚଳିତ ବର୍ଷ ପ୍ରେସ୍ ଦିବସର ବିଷୟବସ୍ତୁ ରହିଛି 'ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୂପ' ।

## ଝାଡ଼ଖଣ୍ଡ-ନିର୍ବାଚନ

ଝାଡ଼ଖଣ୍ଡ ବିଧାନସଭା ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟ ଜୋର୍‌ଦାର ହୋଇଛି । ଆସନ୍ତା ୨୦ ତାରିଖ ଦିନ ଏହି ପର୍ଯ୍ୟାୟ ଲାଗି ମତଦାନ କରାଯିବ ଏବଂ ୨୩ ତାରିଖ ଦିନ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ମତଦାନର ଭୋଟ ଗଣତି ପରେ ଫଳାଫଳ ଘୋଷଣା କରାଯିବ । ଏନ୍.ଡି.ଏ. ଓ ଇଣ୍ଡି ମେଣ୍ଟର ବରିଷ୍ଠ ନେତୃବୃନ୍ଦ ବିଭିନ୍ନ ସ୍ଥାନରେ ଜନସମାବେଶ ଓ ରୋଡ୍ ଶୋ' ମାନ କରି ନିଜ ନିଜ ଦଳୀୟ ପ୍ରାର୍ଥୀଙ୍କ ପ୍ରତି ଜନସାଧାରଣଙ୍କ ସମର୍ଥନ ଲୋଡୁଥିବାର ଦେଖାଯାଉଛି ।

ବିଜେପିର ବରିଷ୍ଠ ନେତା ଅମିତ ଶାହା ଆଜି ଡୁମ୍‌କା, ଦେଓଘର ଓ ଗିରିଦିହି ଠାରେ ଅନୁଷ୍ଠିତ ପୃଥକ ପୃଥକ ନିର୍ବାଚନୀ ର୍‍ୟାଲିରେ ଉଦ୍‌ବୋଧନ ଦେଇ  ରାଜ୍ୟର ଜନଜାତି ବର୍ଗ ଲୋକଙ୍କ କଲ୍ୟାଣ ଲାଗି କେନ୍ଦ୍ରରେ ଥିବା ୟୁ.ପି.ଏ. ସରକାର କୌଣସି ଅର୍ଥ ବରାଦ କରୁ ନ ଥିଲେ ବୋଲି ଅଭିଯୋଗ କରିଛନ୍ତି ।  ଏହାଛଡ଼ା ହେମନ୍ତ ସୋରେନଙ୍କ ସରକାର ଜନଜାତି ବର୍ଗଙ୍କୁ କେବଳ ଭୋଟ୍ ବ୍ୟାଙ୍କ୍ ଭାବେ ବ୍ୟବହାର କରୁଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି ।

ଅନ୍ୟ ପକ୍ଷରେ ଜାମ୍‌ତାରାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ବିଜେପିର ବରିଷ୍ଠ ନେତା ତଥା ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଦାୟିତ୍ୱରେ ଥିବା ହିମନ୍ତ ବିଶ୍ୱଶର୍ମା କହିଛନ୍ତି, ହେମନ୍ତ ସୋରେନ ଜନସାଧାରଣଙ୍କୁ କେବଳ ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି । ତେଣୁ ଶ୍ରୀ ସୋରେନଙ୍କ ସରକାରକୁ ଗାଦିଚ୍ୟୁତ କରିବା ଲାଗି ନିର୍ବାଚନ ହିଁ ପ୍ରକୃତ ସମୟ ବୋଲି ଶ୍ରୀ ଶର୍ମା କହିଛନ୍ତି ।

ସେହିଭଳି ଡୁମ୍‌କା ଓ ଜାମତାରାରେ ଦଳର ବରିଷ୍ଠ ନେତା ତଥା ଚଳଚ୍ଚିତ୍ର ତାରକା ମିଥୁନ ଚକ୍ରବର୍ତ୍ତୀ ଓ ଶିବରାଜ ସିଂହ ଚୌହାନ, ଚମ୍ପେଇ ସୋରେନଙ୍କ ସମେତ ବହୁ ନେତୃବୃନ୍ଦ ଏନ୍.ଡି.ଏ. ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି ।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଆଜି ଜାମତାରା ଓ ଖିଜରି ଠାରେ ଅନୁଷ୍ଠିତ ଦୁଇଟି ପୃଥକ ଜନସମାବେଶରେ ଉଦ୍‌ବୋଧନ ଦେଇଛନ୍ତି । କେନ୍ଦ୍ରର ବିଜେପି ସରକାର ଝାଡ଼ଖଣ୍ଡ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା ସହ ରାଜ୍ୟର ଖଣିରୁ ମିଳୁଥିବା ରାଜସ୍ୱର ଉଚିତ୍ ଭାଗ ପ୍ରଦାନ କରୁ ନାହିଁ ବୋଲି ଶ୍ରୀ ଖଡ଼ଗେ ଅଭିଯୋଗ କରିଛନ୍ତି ।

ଜେ.ଏମ୍.ଏମ୍.ର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଡୁମ୍‌କା ଠାରେ ଆୟୋଜିତ ଏକ ନିର୍ବାଚନୀ ର୍‌ୟାଲିରେ ଉଦ୍‌ବୋଧନ ଦେଇ ବିଜେପି ତାଙ୍କ ସରକାରକୁ ଭୟ ଦେଖାଉଛି ବୋଲି ଅଭିଯୋଗ କରିଛନ୍ତି । ରାଜ୍ୟରେ ନିର୍ବାଚନ ପ୍ରକ୍ରିୟା ଚାଲୁ ରହିଥିବା ବେଳେ କେନ୍ଦ୍ର ସରକାର ବିଭିନ୍ନ କେନ୍ଦ୍ରୀୟ ସଂସ୍ଥାର ଦୂରୁପଯୋଗ କରୁଛନ୍ତି ବୋଲି ଶ୍ରୀ ସୋରେନ କହିଛନ୍ତି ।

## ଇସି କଂଗ୍ରେସ ଓ ବିଜେପି ନୋଟିସ୍

ଆଦର୍ଶ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗରେ ନିର୍ବାଚନ ଆୟୋଗ ଉଭୟ ବିଜେପି ଓ କଂଗ୍ରେସକୁ ପୃଥକ ପୃଥକ ନୋଟିସ୍ ଜାରି କରିଛନ୍ତି । ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ପ୍ରକ୍ରିୟାରେ ବିଜେପି ଓ କଂଗ୍ରେସର ଷ୍ଟାର୍ ପ୍ରଚାରକମାନେ ଏହି ଆଚରଣ ବିଧି

ଉଲ୍ଲଙ୍ଘନ କରିଥିବା ସମ୍ପର୍କରେ ପରସ୍ପର ବିରୋଧରେ କରିଥିବା ଅଭିଯୋଗ ଆଧାରରେ ଆୟୋଗ ଏହି ପଦକ୍ଷେପ ନେଇଛନ୍ତି । ଆୟୋଗଙ୍କ ପକ୍ଷରୁ ବିଜେପି ସଭାପତି ଜେ.ପି. ନଡ୍ଡା ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଆଜି ଦୁଇଟି ପୃଥକ ନୋଟିସ୍ ଜାରି କରାଯାଇ ଆସନ୍ତା ସୋମବାର ଅପରାହ୍ଣ ଗୋଟାଏ ସୁଦ୍ଧା ଏହାର ଉତ୍ତର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗତ ମେ ୨୨ ତାରିଖ ଦିନ ଲୋକସଭା ନିର୍ବାଚନ ଅବସରରେ ଜାରି କରାଯାଇଥିବା ପରାମର୍ଶ ଆଧାରରେ ନିର୍ବାଚନ ପ୍ରଚାର କରିବା ଲାଗି ଆୟୋଗ ଉଭୟ ଦଳଙ୍କୁ କହିଛନ୍ତି ।

## ପୁତିନ-ଓଲାଫ୍

ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଲାଗି ୟୁକ୍ରେନ୍ ସହିତ କଥାବାର୍ତ୍ତା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ଜର୍ମାନ ଚାନ୍‌ସେଲର ଓଲାଫ୍ ସ୍କଲଜ୍ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍‌ଙ୍କୁ ପରାମର୍ଶ ଦେଇଛନ୍ତି । ଗତକାଲି ଶ୍ରୀ ପୁତିନଙ୍କ ସହିତ ଟେଲିଫୋନ୍ ଯୋଗେ କଥାବାର୍ତ୍ତା ସମୟରେ ଜର୍ମାନ ଚାନ୍‌ଲେସର କହିଛନ୍ତି, ଉତ୍ତରକୋରିଆର ସୈନ୍ୟକୁ ରଷିଆ ମୁତୟନ କରିବା ଦ୍ୱାରା ୟୁକ୍ରେନ୍ ସହ ଦ୍ୱନ୍ଦ୍ୱ ବୃଦ୍ଧି ପାଇଛି । ତେଣୁ ଏହି ଯୁଦ୍ଧକୁ ସମାପ୍ତ କରିବା ସହିତ ୟୁକ୍ରେନ୍ ଠାରୁ ରଷିଆ ସୈନ୍ୟ ଅପସାରଣ କରିବାକୁ ସେ ଅନୁରୋଧ କରିଛନ୍ତି । ଅନ୍ୟ ପକ୍ଷରେ ନାଟୋର ଆକ୍ରମଣାତ୍ମକ ନୀତି ଯୋଗୁଁ ହିଁ ଆଜି ଯୁଦ୍ଧ ଭଳି ସ୍ଥିତି ଉପୁଜିଛି ବୋଲି ଶ୍ରୀ ପୁତିନ୍ ମତବ୍ୟକ୍ତ

କରିଛନ୍ତି । ଶ୍ରୀ ପୁତିନ୍ ଜର୍ମାନ ଚାନ୍‌ଲେସରଙ୍କ ସହିତ ବିଭିନ୍ନ ଦ୍ୱିପକ୍ଷିୟ ସମ୍ପର୍କ ସଶକ୍ତ କରିବା ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଥିବା ଜଣାପଡ଼ିଛି ।

## ଜେକେ-ଏଲ୍‌ଜି ଭିଜିଟ୍

ଜାମ୍ମୁ କାଶ୍ମୀରରେ ଖୁବ୍ ଶୀଘ୍ର ପଞ୍ଚାୟତ ଓ ପୌର ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଉପରାଜ୍ୟପାଳ ମନୋଜ ସିହ୍ନା କହିଛନ୍ତି । ଆଜି ଜାମୁ ସହରର ଉପକଣ୍ଠରେ ଅବସ୍ଥିତ ଝିରି ଗ୍ରାମରେ ଆୟୋଜିତ ଝିରିମେଳା ପରିଦର୍ଶନ କରିବା ସହିତ ବାବା ଜିତୋଙ୍କ ସମାଧିପୀଠରେ ଶ୍ରଦ୍ଧାଞ୍ଜଳି ଜଣାଇବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ସିହ୍ନା କହିଛନ୍ତି, ଏକ ସଶକ୍ତ ଦେଶ ଗଠନ ଦିଗରେ ବାବା ଜିତୋଙ୍କର ତ୍ୟାଗ ସମାଜକୁ ପ୍ରେରଣା ଯୋଗାଉଛି । ଝିରିମେଳାର ସମୃଦ୍ଧ ଆଧ୍ୟାତ୍ମିକ ଏକ ସାଂସ୍କୃତିକ ଐତିହ୍ୟ ଉପରେ ଆଲୋକପାତ କରି ସେ କହିଛନ୍ତି, ଏହି ବାର୍ଷିକ ମେଳା' ମାନବ ଜାତିକୁ ପୋଷଣ ଓ ସେବା କରିବା ଦିଗରେ ଚାଷୀ ପରିବାର ଗୁଡ଼ିକର ତ୍ୟାଗ ସମ୍ପର୍କରେ ଆମକୁ ସ୍ମରଣ କରାଇଥାଏ । ଜାମ୍ମୁ କାଶ୍ମୀରରେ କୃଷି କ୍ଷେତ୍ରର ରୂପାନ୍ତରିକରଣ ଲାଗି ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି ଉପରାଜ୍ୟପାଳ କହିଛନ୍ତି ।

## ଛତିଶଗଡ଼-ମାଓଇଷ୍ଟ ଏନ୍‌କାଉଣ୍ଟର

ଛତିଶଗଡ଼ର ନାରାୟଣପୁର ଜିଲ୍ଲା ଅନ୍ତର୍ଗତ – ଉତ୍ତର ଆବୁଜ୍‌ମାଡ୍‌ରେ ସୁରକ୍ଷା କର୍ମୀଙ୍କ ଗୁଳିରେ ୫ ଜଣ ମାଓବାଦୀ ନିହତ ହୋଇଛନ୍ତି । ସେଥିମଧ୍ୟରେ ଦୁଇ ଜଣ ମହିଳା ମାଓବାଦୀ ଅନ୍ତର୍ଭୁକ୍ତ । ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ମିଳିବା ପରେ ବି.ଏସ୍.ଏଫ୍., ଏସ୍.ଟି.ଏଫ୍. ଓ ଡି.ଆର୍.ଜି. ପକ୍ଷରୁ ସେଠାରେ ମିଳିତ ସର୍ଚ୍ଚ ଅପରେସନ୍ କରାଯାଇଥିଲା । ଏହି ସମୟରେ ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ ମାତ୍ର ସୁରକ୍ଷା କର୍ମୀଙ୍କ ପାଲଟା ଜବାବରେ ୫ ଜଣ ନିହତ ହୋଇଛନ୍ତି । ଅନ୍ୟ ପକ୍ଷରେ ଏହି ଗୁଳିବିନିମୟ ଘଟଣାରେ ଦୁଇ ଜଣ ସୁରକ୍ଷା କର୍ମୀ ମଧ୍ୟ ଆହତ ହୋଇଥିବା ଜଣାଯାଇଛି । ସେମାନଙ୍କୁ ଚିକିତ୍ସା ଲାଗି ସ୍ଥାନୀୟ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି ଏବଂ ସେମାନେ ବିପଦମୁକ୍ତ ବୋଲି ଡାକ୍ତର କହିଛନ୍ତି ।

## ହକି

ମହିଳା ଏସିଆ ଚାମ୍ପିୟନ୍ସ ଟ୍ରଫି ହକି ପ୍ରତିଯୋଗିତାରେ  ଆଜି ରାଜଗିର୍ ଠାରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଭାରତ ଚୀନ୍‌କୁ ୩-୦ ଗୋଲ୍‌ରେ ପରାସ୍ତ କରିଛି । ଏଥିସହିତ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିଥିବା ୪ଟି ମ୍ୟାଚ୍‌ରେ ଅପରାଜୟ ରହିବା ସହିତ ପଏଣ୍ଟ ତାଲିକାର

ଶୀର୍ଷରେ ରହିଛି । ଭାରତ ପକ୍ଷରୁ ସଙ୍ଗୀତା, ସାଲିମା ଓ ଦୀପିକା ଗୋଲ୍ ଗୁଡ଼ିକ ସ୍କୋର କରିଛନ୍ତି । ଅଧିନାୟକ ସାଲିମା ଟେଟେଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି । ଆସନ୍ତାକାଲି ଭାରତ ଅପରାହ୍ଣ ୪ଟା ୪୫ ମିନିଟ୍‌ରେ ଏହି ପ୍ରତିଯୋଗିତାର ଏକ ମ୍ୟାଚ୍‌ରେ ଜାପାନକୁ ଭେଟିବ । ଆଜି ଅନୁଷ୍ଠିତ ଅନ୍ୟ ମ୍ୟାଚ୍ ଗୁଡ଼ିକରେ ଜାପାନ ମ୍ୟାଲେସିଆକୁ ୨-୧ରେ ଏବଂ କୋରିଆ ଥାଇଲାଣ୍ଡକୁ ୪-୦ ଗୋଲ୍‌ରେ ପରାସ୍ତ କରିଛି ।

## ପାନ୍ଧାରପୁର ନିର୍ବାଚନ ମଣ୍ଡଳୀ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଅବସରରେ ଆଜି ଆମେ ସୋଲାରପୁର ଜିଲ୍ଲା ଅନ୍ତର୍ଗତ ପାନ୍ଧାରପୁର ନିର୍ବାଚନ ମଣ୍ଡଳୀ ଉପରେ ନଜର ପକାଇବା ।

ମହାରାଷ୍ଟ୍ର ଗଠନ ହେବା ପରଠାରୁ ପାନ୍ଧାରପୁରରୁ ୫ ଜଣ ବିଧାୟକ ପ୍ରତିନିଧିତ୍ୱ କରିଛନ୍ତି । ୨୦୦୯ ମସିହାରେ ଏହି ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ହେବା ପରେ ଭାରତ ଭାଲକେ ଏବଂ ବର୍ତ୍ତମାନର ବିଧାୟକ ସମାଧାନ ଆୱାତାଡ଼େ ବିଧାନସଭାକୁ ନିର୍ବାଚିତ ହେବାର ସୁଯୋଗ ପାଇଛନ୍ତି । ଯଦିଓ ଏହି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳର ପ୍ରାଧାନ୍ୟ ରହିଛି ତେବେ ୨୦୨୧ ଉପନିର୍ବାଚନରେ ପ୍ରଥମଥର ଲାଗି ବିଜେପି ଏହି ଆସନରୁ ଜିତିବାର ଗୌରବ ଅର୍ଜନ କରିଛି । ଚଳିତ ନିର୍ବାଚନରେ

ସେଠାରେ ମୁଖ୍ୟତଃ ଏନ୍.ସି.ପି., କଂଗ୍ରେସ ଓ ବିଜେପି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।